# ଢେଙ୍କାନାଳରେ ଓଡ଼ିଶା ଦିବସ-୨୦୧୯ ମହା ଆଡ଼ମ୍ବରରେ ପାଳିତ

ଢେଙ୍କାନାଳ, ତା ୦୧/୦୪/୨୦୧୯ରିଖ:- ଜିଲ୍ଲା ପ୍ରଶାସନ, ଢେଙ୍କାନାଳ ଆନୁକୂଲ୍ୟରେ ୮୪ତମ ଓଡ଼ିଶା ଦିବସ-୨୦୧୯ ଢେଙ୍କାନାଳରେ ମହା-ଆଡ଼ମ୍ବରରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷ ୪ଘଣ୍ଟା ୩୦ମିନିଟ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଢେଙ୍କାନାଳ ପୌରାଞ୍ଚଳରେ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ପ୍ରଚାର କରାଯାଇଥିଲା । ସକାଳ ୬ଘଟିକା ସମୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଜାତିର ପିତା ମହାତ୍ମା ଗାନ୍ଧି, ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସ, ଡି.ଆର୍.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଶ୍ରୀ ନିଖିଲ ପବନ କଲ୍ୟାଣ, ଉପଜିଲ୍ଲାପାଳ ଶିଲ୍ପା ଶର୍ମା, ପୌରାଧ୍ୟକ୍ଷ ଶ୍ରୀ ସୁଧାଂଶୁ କୁମାର ଦଳେଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଜିଲ୍ଲାକାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଗ୍ରହଣୀୟ କାର୍ଯ୍ୟକ୍ରମ ଆଡ଼ମ୍ବରରେ ଆୟୋଜିତ ହୋଇଥିଲା । ଟେଲିଫୋନ, ସ୍କେଟିଂ, ଆଞ୍ଚଳିକ ଶିଳ୍ପ କେନ୍ଦ୍ର, ଢେଙ୍କାନାଳ ଦ୍ୱାରା ବଉଁଶ କାଠର ଶିଳ୍ପ, କାଠ ଶିଳ୍ପ, ଢୋକ୍ରା, ପାନୀୟ ଜଳ ପ୍ରଭୃତି ସମ୍ପର୍କରେ ୪ଗୋଟି ଭ୍ରାମ୍ୟମାଣ ଗାଡ଼ି ପ୍ରଦର୍ଶିତ ହୋଇଥିଲା । ବାଲୁକା ଶିଳ୍ପ ମାଧ୍ୟମରେ 'କଳ୍ପନା' ସେଲଫି ପଏଣ୍ଟ ଗ୍ରାଣ୍ଡ ଥିଏଟର ଏବଂ ନାଚ, ଛୋଟ ଛୋଟ କନ୍ୟାମାନଙ୍କ ଦ୍ୱାରା ସଚେତନ କାର୍ଯ୍ୟକ୍ରମ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ମାଧ୍ୟମରେ ବିଭାଗୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସକାଳ ୯ଘଟିକା ସମୟରେ ଏକ ଶୋଭାଯାତ୍ରାକୁ ଜିଲ୍ଲାପାଳ ଶ୍ରୀ କଲ୍ୟାଣ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ପାଇକ, ଲହରି ଦଳ, ଭ୍ରାମ୍ୟମାଣ ସଚେତନତା ଗାଡ଼ି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାଂସ୍କୃତିକ ଦଳ ପ୍ରଭୃତି ଅଂଶ ଗ୍ରହଣ କରିଥିଲେ । ଶୋଭାଯାତ୍ରା କାଡ଼ି ଚୌକ ପର୍ଯ୍ୟନ୍ତ ଯାଇ ସେଠାରେ ସଙ୍ଗୀତ ସୁରରେ ମାଲ୍ୟାର୍ପଣ କରାଯାଇ-ପୁଣି ଗୋପବନ୍ଧୁ ଟାଉନ ହଲ ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇଥିଲା । ସେଠାରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀରମୋହନ ସେନାପତି, ମଧୁବାବୁ, ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ମାଲ୍ୟାର୍ପଣ ପରେ [illegible]

ପୌରାଧ୍ୟକ୍ଷ ଶ୍ରୀ ଦଳେଇ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ନାୟକ ପ୍ରମୁଖ କହିଥିଲେ । ସେହି ଷ୍ଟାଡ଼ିୟମଠାରେ ଚିତ୍ରାଙ୍କନ 'କଳ୍ପନା' କାର୍ଯ୍ୟକ୍ରମ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା କଲ୍ୟାଣ ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖଙ୍କ ପୂର୍ଣ୍ଣ ସହଯୋଗରେ ଆୟୋଜିତ ହୋଇଥିଲା ।

ସନ୍ଧ୍ୟାରେ ଗୋପବନ୍ଧୁ ଟାଉନହଲଠାରେ ସାଧାରଣ ସଭା, ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ ପୁଣ୍ୟଭୂମି ଢେଙ୍କାନାଳର ଐତିହ୍ୟ ଓ ସଂସ୍କୃତି ବର୍ଣ୍ଣନା କରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା, ବିକାଶ ଏବଂ ସଂରକ୍ଷଣ ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରକାଶ କରିଥିଲେ । ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଉତ୍କଳ ଗୌରବ ମଧୁସୂଦନ, ଗୋପବନ୍ଧୁ, କୃଷ୍ଣଚନ୍ଦ୍ର ଗଜପତି, ଫକୀରମୋହନ ପ୍ରମୁଖଙ୍କ ଭୂମିକାକୁ ସେ ମନେପକାଇବା ସହ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲ୍ଲାପାଳ ଶ୍ରୀ କଲ୍ୟାଣ ଏହି ସଭାରେ ଜିଲ୍ଲାର ବିକାଶର ଚିତ୍ର ଉପସ୍ଥାପନା କରିବା ସହ ସମସ୍ତଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସଂପାଦନ କରାଯିବ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅବନୀକାନ୍ତ ପଟ୍ଟନାୟକ ଅନାଗତ ସମ୍ମାନିତ ଅତିଥି ତଥା ସଭାରେ ସଭାପତିତ୍ୱ କରିଥିଲେ । ତାଙ୍କ ବକ୍ତବ୍ୟରେ ସେ ଓଡ଼ିଶା ଦିବସ ପାଳନର ଆବଶ୍ୟକତା ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମହାରଥୀମାନଙ୍କୁ ସ୍ମରଣ କରାଇଥିଲେ । ଉପଜିଲ୍ଲାପାଳ ଶିଳ୍ପା ଶର୍ମା ଏହି ସଭାରେ ଓଡ଼ିଶା ଏକ ସୁନ୍ଦର ରାଜ୍ୟ ଏବଂ ଏହାର ଭାଷା ମଧ୍ୟ ଅତି ମଧୁର ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ମଞ୍ଚ ପରିଚାଳନା

(ଅ.-ପୃ.-ଦ୍ର.)

କରିଥିଲେ ଓଡ଼ିଆ ଅଧ୍ୟାପିକା ଡ଼. ପୁଷ୍ପଲତା ରଥ । ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ବିଜୟୀ ପ୍ରତିଯୋଗିତାର କୃତୀ ପ୍ରତିଯୋଗି-ମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା । ଜିଲ୍ଲାର ଶ୍ରେଷ୍ଠ ଯୁବ କ୍ଲବ ଭାବେ କୁଶାଳ ବିକାଶ ସମିତି, କଡ଼ାଶାଳ, କାମାକ୍ଷାନଗରକୁ ୨୫ ହଜାର ଟଙ୍କା ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା । ଶେଷରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ପରିଷଦ ସଂଯୋଜକ ଶ୍ରୀ ଅଜୟ ସାହୁ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ।

— x —

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ଜ୍ଞାପକ ସଂଖ୍ୟା ୪୫୮ ତା ୦୧/୦୭/୨୦୧୮

ଏହାର ଏକାଧିକ ନକଲ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ହେମନ୍ତ କୁମାର ନାୟକ

୦୧/୦୪/୨୦୧୮

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

ଢେଙ୍କାନାଳ